## ୩୨ନଂ ଜୋନ୍‌ର ୮୮୯୨ଜଣଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ

ବାରଙ୍ଗ, (ଡି.ଏନ୍.ଏ): ବାରଙ୍ଗ ବ୍ଲକର ୩୨ନଂ. ଜୋନ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ମୋଟ ୮୮୯୨ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। କୁହ୍ନେଇଁପଡା ପଞ୍ଚାୟତର ୧୩୨୬ଜଣ, ମଧୁପୁରର ୮୦୬ଜଣ, ଦାଢ଼ାପାଟଣା ୧୩୩୧ଜଣ, ରାମଦାସପୁରର ୮୩୭ଜଣ, ଶ୍ରୀବନ୍ତପୁରର ୧୩୧୪ଜଣ, ବେଲଗଛିଆ ୧୨୪୧ଜଣ, ନରାଜ ମାର୍ଥାପୁରର ୭୦୫ଜଣ ଓ ମୁଣ୍ଡଳିର ୧୩୨୨ଜଣ ହିତାଧିକାରୀ ରହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଆମେଚର କରାଟେ ଆସୋସିଏଶନ ପକ୍ଷରୁ ଓପନ୍ ଓଡ଼ିଶା ଷ୍ଟେଟ କରାଟେ ଚାମ୍ପିୟନଶିପ, ରେଲୱେ ଇନ୍‌ଡୋର ଷ୍ଟାଡିୟମ, ମଞ୍ଚେଶ୍ୱର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ବାର୍ଷିକୋତ୍ସବ, ଭାରତୀୟ ବିଦ୍ୟାଭବନର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ଖବରକାଗଜ ଅଭିନନ୍ଦନର ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଗୀତି କବିତା ପ୍ରୀତି ପ୍ରମୋଦିନୀର ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ, ଆସୋସିଏଶନ ଅଫ୍ ଇଣ୍ଡଷ୍ଟ୍ରିଆଲ ଇଣ୍ଟରପ୍ରିନିୟର୍ସ ଅଫ ଭୁବନେଶ୍ୱର, ପ୍ଲଟନଂ. ଏ/୧୨, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ଉନ୍ମୋଚନ ସମାରୋହ, ସିମ୍ଫନି ମଲ୍, ହଂସପାଳ ଛକ, ଅପରାହ୍ନ ୪ଟା।
- ସ୍ମୃତିର ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ମିଷ୍ଟ୍ରେସ୍ ଏବଂ ମିସ୍ ଇଣ୍ଡିଆ ଗ୍ଲୋବାଲ, ତାଜ୍ ଭିଭାନ୍ତ, ଡିଏନ୍ ଛକ, ଅପରାହ୍ନ ୫ଟା।
- ଦେବଦାସୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପ୍ରତ୍ୟାବର୍ତ୍ତନର ବାଘ ନାଚ ପରିବେଷଣ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ହନୁମାନଙ୍କ ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି, ବେଣ୍ଟପୁର ରାମଲୀଳା ପଡ଼ିଆ ନିକଟ, ଶ୍ରୀମହାବୀର ମନ୍ଦିର, ଅପରାହ୍ନ ୫ଟା।

# ୪ ମେଡିସିନ ଦୋକାନ ତାଲା କାଟି ଚୋରି

### ଲକ୍ଷାଧିକ ଟଙ୍କା, ହର୍ଲିକ୍ସ, ମେଡିସିନ ନେଇଗଲେ
### ସିସିଟିଭିକୁ ଆଧାର କରି ପୋଲିସ ତଦନ୍ତ ଜାରି

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ଚୋର ଓ ଲୁଟେରାଙ୍କ ଆତଙ୍କ ବଢ଼ିବାରେ ଲାଗିଛି। କିଛିଦିନ ତଳେ ଜାଗମରା ଅଞ୍ଚଳରେ ଜୁଏଲେରି ଶୋ'ରୁମ୍ ଶଟର ତାଡ଼ି ପ୍ରାୟ କୋଟିଏ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା। ଶୁକ୍ରବାର ରାତିରେ ପୁଣି ସିରିଜ ଚୋରି ହୋଇଛି। ଆଇଗିଣିଆ ଛକରୁ ଏମ୍ସ ଯିବା ରାସ୍ତାରେ ୪ଟି ମେଡିସିନ ଦୋକାନ ଶଟର ତାଲା କାଟି ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କା ଓ ମେଡିସିନ ଚୋରି କରି ନେଇଛନ୍ତି। ଏପରିକି ଦୋକାନର ସିସିଟିଭିକୁ ଭାଙ୍ଗି ନଷ୍ଟ କରିବା ସହ ହାର୍ଡଡିସ୍କକୁ ନେଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ଖଣ୍ଡଗିରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଖଣ୍ଡଗିରି ଥାନା ଅନ୍ତର୍ଗତ ଏମ୍ସ ହସ୍ପିଟାଲ ରୋଡ୍‌ରେ ୪ଟି ମେଡିସିନ ଦୋକାନକୁ ଲୁଟେରାମାନେ ଟାର୍ଗେଟ କରିଥିଲେ। ବିଳମ୍ବିତ ରାତିରେ ସିସିଟିଭିକୁ ଭାଙ୍ଗିବା ପରେ ତାଲା କାଟି ଲୁଟ୍‌ପାଟ କରିଥିଲେ। ସକାଳୁ ଖବର ପାଇ ସିଜୁଆ ଅଞ୍ଚଳରେ ରହୁଥିବା ଦୋକାନୀ ପ୍ରତାପ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚିବା ସହ ଅନ୍ୟ ଦୋକାନୀଙ୍କୁ ଖବର ଦେଇଥିଲେ। ପ୍ରତାପଙ୍କ ଦୋକାନରୁ ୯୦ ହଜାର ଟଙ୍କା, ହର୍ଲିକ୍ସ, ବେବି ଫୁଡ୍ ଓ ଅନ୍ୟାନ୍ୟ ମେଡିସିନ ଚୋରି ହୋଇଥିବା ଅଭିଯୋଗ ହୋଇଥିବାବେଳେ ତାଙ୍କ ପଡୋଶୀଙ୍କ ଦୋକାନରୁ ୬୦ହଜାର ଟଙ୍କା ସହ ଦାମୀ ମେଡିସିନ ଚୋରି ହୋଇଛି। ସେହିପରି ଅନ୍ୟ ୨ଜଣଙ୍କ ଦୋକାନରୁ ମେଡିସିନ ସହ ସ୍ୱଳ୍ପ ଟଙ୍କା ଚୋରି ହୋଇଛି। ଏନେଇ ୪ ଜଣ ଦୋକାନୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।



ହୃଦୟ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ଗ୍ରୀକ୍ ନାଟକ 'ସଫୋକ୍ଲିସ୍‌ଙ୍କ ରାଜା ଇଡିପସ୍'ର ଏକ ଦୃଶ୍ୟ।

### ଆନ୍ତଃରାଷ୍ଟ୍ର ଗଞ୍ଜେଇ ଚୋରାଚାଲାଣ ର୍‍ୟାକେଟ

## ନେପାଳ, ପଶ୍ଚିମବଙ୍ଗର ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଆନ୍ତଃରାଷ୍ଟ୍ର ଗଞ୍ଜେଇ ଚୋରାଚାଲାଣ ର୍‍ୟାକେଟରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍ ଷ୍ଟାଣ୍ଡରୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ୨୧କେଜି ଗଞ୍ଜେଇ ଜବତ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନପୁର ଅଞ୍ଚଳର ନିଶିକାନ୍ତ ବେରା ଓ ନେପାଳର ଘର ଠିକଣା ସ୍ପଷ୍ଟ କରୁ ନ ଥିବା କୋଳଥିଆ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ସାଗର ପୁନ। ଉଭୟ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ ମାଲକାନଗିରି ବସ୍‌ରେ ରାଜଧାନୀକୁ ଗଞ୍ଜେଇ ଚୋରାଚାଲାଣ ନେଇ ଭରତପୁର ଥାନା ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଚଢ଼ାଉ କରି ୨ଅଭିଯୁକ୍ତଙ୍କ ନିକଟରୁ ୨୧କେଜି ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତ ନିଶିକାନ୍ତ ଓ ସାଗରଙ୍କୁ ପଚରାଉଚରାବେଳେ ଆନ୍ତଃରାଷ୍ଟ୍ର ଗଞ୍ଜେଇ ଚୋରା ଚାଲାଣ ନେଇ ପୋଲିସକୁ ସୂଚନା ମିଳିଥିଲା। ଉଭୟ ଅଭିଯୁକ୍ତ ବସ୍ ଯୋଗେ ଗଞ୍ଜେଇକୁ ବସ୍‌ରେ ପଶ୍ଚିମବଙ୍ଗ ନେଇଯିବାକୁ ଯୋଜନା କରିଥିଲେ। ସେଠାରେ ନେପାଳ ସୀମାକୁ ପାର ହେବାପରେ ଆନ୍ତଃରାଜ୍ୟ ବଜାରକୁ ଯୋଗାଣ କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସକୁ ସୂଚନା ମିଳିଛି।








ସେଲ୍ଫି କର୍ବର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com

@ ସୌମ୍ୟରଞ୍ଜନ

@ ଦେବ

@ ସୌମ୍ୟ

@ ସୋନାଲି

@ ଜିତୁ

@ ମନୋରଞ୍ଜନ

## ସଂକ୍ଷେପରେ

### ମିହିର ଦାସଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

ଭୁବନେଶ୍ୱର,୧୮।୧୨(ବ୍ୟୁରୋ): ବରିଷ୍ଠ ଅଭିନେତା ମିହିର ଦାସଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ହେଉଛି। କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ କଟକର ଏକ ଘରୋଇ ହସ୍ପିଟାଲରେ ଗତ କିଛିଦିନ ହେବ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଥିଲା। ଗତ ୪/୫ ଦିନ ହେବ ସେ ରେସପନ୍ସ କରୁ ନ ଥିଲେ। ତେବେ ଶୁକ୍ରବାର ମିହିର ଆଖିପତା ହଲାଇଥିବା ଆର୍ଟିଷ୍ଟ ଆସୋସିଏଶନ୍‌ର ସେକ୍ରେଟାରି ଶ୍ରୀତମ ଦାସ ସୂଚନା ଦେଇଛନ୍ତି। ଏବେ ବି ସେ ଭେଣ୍ଟିଲେଟରେ ଚିକିତ୍ସିତ ହେଉଛନ୍ତି।

### ଏକାମ୍ରରେ ୨ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୧୮।୧୨ (ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀର ଧଉଳି ପଞ୍ଚାୟତରେ ୨କୋଟି ଟଙ୍କା ପ୍ରକଳ୍ପର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ତନ୍ମଧ୍ୟରେ କୃଷ୍ଣପୁରରେ ୯୫ଲକ୍ଷ ଟଙ୍କାର ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଏକ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ସୁଉଚ୍ଚ ଏବଂ ଏକ ଲକ୍ଷ ବିଶିଷ୍ଟ ଭୂତଳ ଜଳ ଭଣ୍ଡାର ଲୋକାର୍ପଣ ହୋଇଛି। ସେହିପରି ପ୍ରାୟ ୫୦ଲକ୍ଷ ଟଙ୍କାର କଲ୍ୟାଣ ମଣ୍ଡପ, ସରଦେଇପୁର, ସାମନ୍ତରାପୁର ପାଟଣା, ନଖାଉର ପାଟଣା, କାଣ୍ଡିସାହି ଓ ଜଗନ୍ନାଥପୁର ପାଟଣାରେ ୨୫ଲକ୍ଷ ଟଙ୍କାର ୫ଟି ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ଏକାମ୍ର କଲେଜରେ ନିକଟରେ ୱାଟର କ୍ୟୁଓସ୍କ ଉଦ୍‌ଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୋନାଲ ଡେପୁଟି କମିଶନର ମହେନ୍ଦ୍ର କୁମାର ବଡେଇ, ରବିନାରାୟଣ ସେଠୀ, ବିଡ଼ିଓ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଜିତେନ୍ଦ୍ର ନନ୍ଦ, ଶିବ ରାୟ, ସରପଞ୍ଚ ପୂର୍ଣ୍ଣିମା ସାହୁ, ସମିତି ସଭ୍ୟ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ସରକାର ବିରୋଧୀ ଲଢ଼େଇ ଶାଣିତ ହେବ'

### ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଜିଲାର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଭାଜପା ଭୁବନେଶ୍ୱର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଶନିବାର ଜିଲା ସଭାପତି ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀରେ ରାଜ୍ୟ ସରକାର ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅପାରଗତା ଓ ନିଷ୍କ୍ରିୟତା ସମ୍ପର୍କରେ ଆଲୋଚନା ହେବା ସହ ଆଗାମୀ ଦିନରେ ଭାଜପାର ରୋଡ୍‌ମ୍ୟାପକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଏଥିରେ ଜିଲା ପ୍ରଭାରୀ ଭୁବନ ମୋହନ ଜେନା ଯୋଗଦେଇ ରାଜ୍ୟ ସରକାର ଏବଂ ବିଏମ୍‌ସି କର୍ତ୍ତୃପକ୍ଷ ରାଜଧାନୀବାସୀଙ୍କ ସମସ୍ୟାର ସମାଧାନ ପ୍ରତି ଆଖିବୁଜି ଦେଇଛନ୍ତି ବୋଲି କହିଥିଲେ। ସେହିପରି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ରାଜଧାନୀରେ ମହିଳା, ବୃଦ୍ଧ, ଶିଶୁ, ଯୁବତୀଯୁବକମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି । ବସ୍ତିବାସିନ୍ଦାଙ୍କୁ ବାରମ୍ବାର ପ୍ରତାରିତ କରାଯାଉଛି। କେତେବର୍ଷ ଶାସନରେ ରହିଲେ ଶାସକ ବିଜେଡି ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟ ଏବଂ ବିଭିନ୍ନ ଯୁଗାନ୍ତକାରୀ ଯୋଜନା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଠିକ୍ ବିକାଶ ସମ୍ଭବ ହୋଇପାରୁନାହିଁ । ରାଜ୍ୟରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା କାରଣରୁ ଓଡ଼ିଶା ବିକାଶର ବହୁ ପଛରେ ରହିଯାଇଛି ବୋଲି ମହାନ୍ତି କହିଛନ୍ତି । 'ରାଜ୍ୟରେ ରାଜନୈତିକ ପୃଷ୍ଠଭୂମି ଭାଜପାର ଭୂମିକା' ପ୍ରସଙ୍ଗରେ ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ବିସ୍ତୃତ ଆଲୋଚନା କରିଥିବାବେଳେ 'ସାମାଜିକ ସୁରକ୍ଷାରେ ରାଜନୈତିକ ବ୍ୟବସ୍ଥା' ପ୍ରସଙ୍ଗରେ ବରିଷ୍ଠ ନେତା ତଥା ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ଆଲୋଚନା କରିଥିଲେ। 'ଭାରତୀୟ ବିଚାରଧାରା ଓ ଭାଜପା' ପ୍ରସଙ୍ଗରେ ବରିଷ୍ଠ ନେତା ତଥା ପୂର୍ବତନ ପ୍ରଶାସକ ସୁଦର୍ଶନ ନାୟକ ଭାଗ ନେଇଥିଲେ। ସେହିପରି 'ରାଷ୍ଟ୍ରୀୟ ସୁରକ୍ଷା ଓ ଆତ୍ମନିର୍ଭର ଭାରତ' ପ୍ରସଙ୍ଗରେ ରାଜ୍ୟ ମୁଖପାତ୍ର ଯତୀନ ମହାନ୍ତି କାର୍ଯ୍ୟକାରିଣୀକୁ ଅବଗତ କରାଇଥିବାବେଳେ 'ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମର ଉପଯୋଗିତା' ପ୍ରସଙ୍ଗରେ ରାଜ୍ୟ ପ୍ରବକ୍ତା ଦିଲୀପ ମଲ୍ଲିକ ଆଲୋକପାତ କରିଥିଲେ ।

# 'ଏସ୍ଏଚ୍‌ଜି କାହାର ହାତବାରିସି ନ ହୁଅନ୍ତୁ'

### ଜାତୀୟ ମହିଳା ଓ ଶିଶୁ ଅଧିକାର ସମାବେଶ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)




ଷ୍ଟେଟ ପ୍ରୋଗ୍ରେସିଭ ୱିମେନ୍ସ ଫୋରମ ପକ୍ଷରୁ ଶନିବାର ଜାତୀୟ ମହିଳା ଓ ଶିଶୁ ଅଧିକାର ସମାବେଶ ସୂଚନାଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ୫ବର୍ଷର ଶିଶୁ ସମନ୍ଵିତା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭର୍ଚୁଆଲରେ ଯୋଗଦେଇ ମହିଳାଙ୍କ ସ୍ୱାଧୀନତା ଓ ମୌଳିକ ଅଧିକାର ନେଇ ବାର୍ତ୍ତା ଦେଇଥିଲେ। ଫୋରମ ଅଧ୍ୟକ୍ଷା ମମତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶିକା ଡ. ଉର୍ମିବାଳା ଦାସ କହିଲେ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିସି ହେବା ଦ୍ୱାରା ରାଜ୍ୟରେ ମହିଳାଙ୍କ ପ୍ରଗତିରେ ମହାସଙ୍କଟ ଦେଖାଦେଇଛି। ଏଥିରୁ ମହିଳାମାନେ ନିଜକୁ ଦୂରେଇ ନ ରଖିଲେ, ଭବିଷ୍ୟତରେ ରାଜ୍ୟରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଡ. ଦାସ କହିଛନ୍ତି। ପୂର୍ବତନ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ କହିଲେ, ସୂଚନା ଅଧିକାର ଆଇନକୁ ମହିଳାମାନେ ବହୁଳ ପରିମାଣରେ ବ୍ୟବହାର କଲେ ସେମାନଙ୍କ କ୍ଷେତ୍ରରେ ଦେଖାଦେଇଥିବା ଦୁର୍ନୀତି, ହିଂସା ଓ ନିର୍ଯାତନା ଲୋପ ପାଇପାରିବ। ବରିଷ୍ଠ ଆଇନଜୀବୀ ସୁଜାତା ଜେନା ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିରୁ ନିଜକୁ ଦୂରେଇ ରଖିବାକୁ ମହିଳାଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ଡ. ବାସୁଦେବ ସୁନାନୀ, ସୋନାଲି ସାହୁ ପ୍ରମୁଖ ସାମ୍ପ୍ରତିକ ପରିସ୍ଥିତିରେ ମହିଳା ଓ ଶିଶୁକନ୍ୟାଙ୍କ ଉପରେ ବଢୁଥିବା ହିଂସା ଓ ନିର୍ଯାତନାକୁ ରୋକିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟ ପବ୍ଲିକ ଆଡ଼ମିନିଷ୍ଟ୍ରେଶନ ବିଭାଗର ପୂର୍ବତନ ନିର୍ଦ୍ଦେଶିକା ଡ. ସ୍ୱର୍ଣ୍ଣଲତା ତ୍ରିପାଠୀ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ସ୍ଥିତି ଏବଂ ରାଜନୈତିକ ଅଧିକାର ଉପରେ ଆଲୋକପାତ କରିଥିଲେ। ନିରୂପମା ରଥ ଧନ୍ୟବାଦ ଦେଇଥିଲେ।

## ଭିଙ୍ଗାରପୁରରେ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ

ବାଲିଅନ୍ତା,୧୮।୧୨(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତରେ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ ଶନିବାର ଆରମ୍ଭ ହୋଇଛି। ବିଡିଓ ନାରାୟଣ ଗଡନାୟକ, ସରପଞ୍ଚ ଜୟଶ୍ରୀ ନାୟକ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ବାରିକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ୧୯୦୦ ହିତାଧିକାରୀଙ୍କୁ ଏହି କାର୍ଡ ମିଳିବ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପି.କେ. ଜେନା, ଯୋଗାଣ ସହାୟକ ନଳିନୀକାନ୍ତ ବାରିକ, ଜି.ଆର୍.ଏସ୍ ସୌମ୍ୟରଞ୍ଜନ ବେହେରା କାର୍ଡ ବଣ୍ଟନରେ ସହଯୋଗ କରିଥିଲେ।

## ଫିଜିଓଥେରାପି କ୍ୟାମ୍ପ୍ ଆରମ୍ଭ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଉମେଶ ଖଣ୍ଡେଲୱାଲ ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ପକ୍ଷରୁ ଶନିବାରଠାରୁ ଫିଜିଓଥେରାପି କ୍ୟାମ୍ପ୍ ଆରମ୍ଭ ହୋଇଛି। କଟକ ରୋଡ୍ ତେରାପନ୍ଥ ଭବନରେ ଏହି ୪ ଦିନିଆ ଚିକିତ୍ସା ଶିବିରକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। 'ବୃଦ୍ଧଜନ ସେବା ସଂସ୍ଥାନ', ଉଦୟପୁର (ରାଜସ୍ଥାନ)ର ସୁନାମଧନ୍ୟ ଚିକିତ୍ସାବିତ୍ ସାହିଲ ଗ୍ରୋବାର, କୈଳାସ କୁମାର ଓ ତାଙ୍କ ଟିମ୍ ମୁଖ୍ୟତଃ ଆଣ୍ଠୁ, ଅଣ୍ଟା ଓ ପିଠିର ଯନ୍ତ୍ରଣା ତଥା ସାଇଟିକା ପରି ଯନ୍ତ୍ରଣାଦାୟକ ବ୍ୟାଧି ଚିକିତ୍ସା ଓ ଆଶୁ ଉପଶମ ତଥା ଚିକିତ୍ସା ପରବର୍ତ୍ତୀ ପରାମର୍ଶ ନିଃଶୁଳ୍କ ଦେଉଛନ୍ତି। ତେବେ ୫୦ ଟଙ୍କା ଦାଖଲ କରି ପଞ୍ଜୀକରଣ କରିବାକୁ ସଂଯୋଜକ ଉମେଶ ଖଣ୍ଡେଲୱାଲ ଅନୁରୋଧ କରିଛନ୍ତି। ସକାଳ ୧୦ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଚାଲିବ।




ସିବିଏସ୍‌ଇ ପ୍ରଶ୍ନପତ୍ରରେ ନାରୀ ବିଦ୍ୱେଷୀ ମନ୍ତବ୍ୟ ବିରୋଧରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।




ପୂର୍ଣ୍ଣ ଅନୁଦାନ ସମେତ ବିଭିନ୍ନ ଦାବି ନେଇ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (+୨ ଓ +୩) କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଉମେଶ ଖଣ୍ଡେଲୱାଲ୍ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ପକ୍ଷରୁ ଭୁବନେଶ୍ୱର ତେରାପନ୍ଥ ଭବନରେ ଅନୁଷ୍ଠିତ ଫିଜିଓଥେରାପି ଚିକିତ୍ସା ଶିବିର।

## ସଂକ୍ଷେପରେ

### ଗୋଦାମରେ ଅଗ୍ନିକାଣ୍ଡ

**ପିପିଲି,୧୮।୧୨(ଡି.ଏନ୍.ଏ.):** ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ତରାକାଜ ନିକଟବର୍ତ୍ତୀ ରାସ୍ତାକଡ଼ରେ ଥିବା ଏକ କବାଡ଼ିଆ ଗୋଦାମରେ ଶନିବାର ଏକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୪ଟି ଅଚଳ ଥିବା ୧୦୮ ଆମ୍ବୁଲାନ୍ସ ଜଳିଯାଇଛି। ଖବରପାଇ ଘଟଣାସ୍ଥଳରେ ପିପିଲି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ କବାଡ଼ିଆ ଦୋକାନର ମାଲିକ ଅଚଳ ଥିବା ଆମ୍ବୁଲାନ୍ସ ଗାଡ଼ିକୁ କଟର ସାହାଯ୍ୟରେ କଟାଯାଉଥିଲା। ଏହି ସମୟରେ ଅସାବଧାନତାବଶତଃ କଟରରୁ ବାହାରୁ ଥିବା ନିଆଁ ପାଖରେ ଥିବା ଏକ ତେଲ କପଡ଼ାରେ ପଡ଼ି ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ନିଆଁ ବ୍ୟାପିଯିବାରୁ ଗାଡ଼ିଗୁଡ଼ିକ ଜଳିଯାଇଥିଲା। ସୂଚନା ଥାଉକି, କିଛିଦିନ ତଳେ କବାଡିଆ ମାଲିକ ସ୍ୱାସ୍ଥ୍ୟ ବିଭାଗଠାରୁ ଅଚଳ ୧୦୮ଆମ୍ବୁଲାନ୍ସ ୧୪ ଟି କିଣିଥିଲେ।

### ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ

**ବାରଙ୍ଗ/ବାଲିଅନ୍ତା, ୧୮।୧୨(ଡି.ଏନ୍.ଏ):** ବାରଙ୍ଗ ବ୍ଲକର ୩୨ନଂ. ଜୋନ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବୋର୍ଡ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଯୋଜନାରେ ୩୨ ନଂ ଜୋନର ମୋଟ ୮୮୯୨ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ତନ୍ମଧ୍ୟରୁ କୁହ୍ନେଇପଡା ପଞ୍ଚାୟତର ୧୩୨୬ଜଣ, ମଧୁପୁରର ୮୦୬ଜଣ, ଦାଡ଼ାପାଟଣା ୧୩୩୧ଜଣ, ରାମଦାସପୁରର ୮୩୭ଜଣ, ଶ୍ରୀବନ୍ତପୁରର ୧୩୧୪ଜଣ, ବେଲଗଛିଆ ୧୨୪୧ଜଣ, ନରାଜ ମାର୍ଥାପୁରର ୭୦୫ଜଣ ଓ ମୁଣ୍ଡଳିର ୧୩୨୨ଜଣ ହିତାଧିକାରୀ ରହିଛନ୍ତି। କାର୍ଯ୍ୟକ୍ରମରେ ବିଜେଡି କର୍ମୀ, ଅଙ୍ଗନୱାଡି କର୍ମୀ, କଣ୍ଟ୍ରୋଲ ଡିଲରମାନେ ଉପସ୍ଥିତ ଥିଲେ। ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ପଞ୍ଚାୟତରେ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ ଶନିବାର ଆରମ୍ଭ ହୋଇଛି। ବିଡିଓ ନାରାୟଣ ଗଡନାୟକ, ସରପଞ୍ଚ ଜୟଶ୍ରୀ ନାୟକ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ବାରିକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ପଞ୍ଚାୟତରେ ୧୯୦୦ ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ ଦିନରେ ୧୦୦ଜଣଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ପି.କେ. ଜେନା, ଯୋଗାଣ ସହାୟକ ନଳିନୀକାନ୍ତ ବାରିକ, ଜି.ଆର୍.ଏସ୍ ସୌମ୍ୟରଞ୍ଜନ ବେହେରା କାର୍ଡ ବଣ୍ଟନରେ ସାହାଯ୍ୟ କରିଥଲେ।

### ଫେବୃୟାରୀରୁ ରାଜଧାନୀରେ ଗଡ଼ିବ ମୋ ସାଇକେଲ

**ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ):** ରାଜଧାନୀ ରାସ୍ତାରେ ପୁଣି ଗଡିବ ସମସ୍ତ ମୋ ସାଇକେଲ। ସାଇକେଲ ଚାଳକମାନେ ଯେପରି ମୋ ସାଇକେଲ ପୂର୍ବପରି ଚଳାଇବେ ସେ ନେଇ ସ୍ମାର୍ଟସିଟି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଆସନ୍ତା ଫେବୃଆରୀ ମାସରୁ ସ୍ମାର୍ଟସିଟିରେ ୨ହଜାର ସାଇକେଲ ଗଡିବ। ଅପରପକ୍ଷେ ମୋ ସାଇକେଲର ଦାୟିତ୍ୱ ନେବାରେ ଅବହେଳା ପ୍ରଦର୍ଶନ କରିବା ସହ କବାଡିଖାନାକୁ ସାଇକେଲ ଦେବା ଘଟଣା ପରେ ହେକ୍ସି କମ୍ପାନୀକୁ ସ୍ମାର୍ଟସିଟି ପକ୍ଷରୁ କଳାତାଲିକାଭୁକ୍ତ କରାଯାଇଛି। ଉକ୍ତ ସାଇକେଲର ପରିଚାଳନା ଦାୟିତ୍ୱ ୟୋନୋ କମ୍ପାନୀକୁ ପ୍ରଦାନ କରାଯାଇଛି। ଫଳରେ ସହରରେ ଥିବା ୧୫ଶହ ମୋ ସାଇକେଲର ପରିଚାଳନା ଓ ରକ୍ଷଣାବେକ୍ଷଣ ୟୋନା କମ୍ପାନୀ କରିବ। ଏବଂ ଅବଶିଷ୍ଟ ୫ଶହ ମୋ ସାଇକେଲର ଦାୟିତ୍ୱ ୟୁଲୁ କମ୍ପାନୀ ତୁଲାଇବ ବୋଲି ସ୍ମାର୍ଟସିଟିର ଜେନେରାଲ ମ୍ୟାନେଜର କମଲଜିତ୍ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ ମସିହାରେ ୬କୋଟି ଟଙ୍କା ବ୍ୟୟରେ ୟୁଲୁ, ୟୋନୋ ଓ ହେକ୍ସି କମ୍ପାନୀ ଠାରୁ ବିଏମ୍‌ସି ୨ହଜାର ସାଇକେଲ କିଣିଥିଲା। ଏହି ମୋ ସାଇକେଲର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ୩ଟି କମ୍ପାନୀକୁ ଦିଆଯାଇଥିଲା।

# ଚାଷୀଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ

**କୃଷକ ଉତ୍ପାଦକ ସଙ୍ଗଠନ ସମାବେଶ**

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ଓଡ଼ିଶା କୃଷକ ଉତ୍ପାଦକ ସଙ୍ଗଠନ ସମାବେଶ ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକ ଉତ୍ପାଦକ ସଂଗଠନର ସଫଳତା ଓ କୃଷକଙ୍କ ଆୟ ବହୁଗୁଣିତ ହେବା ପାଇଁ ବ୍ୟାଙ୍କ ମାଧ୍ୟମରେ ପୁଞ୍ଜିନିବେଶ ସହାୟତା, ବଜାର ସୁବିଧା, ମଧ୍ୟସ୍ଥ ଉଚ୍ଛେଦ, ସରକାରୀ ପ୍ରୋତ୍ସାହନ ଓ ସହାୟତା, ଯୋଗାଯୋଗ, ଫସଲ ବିବିଧୀକରଣ ପଦ୍ଧତି ଅବଲମ୍ବନ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଉପରସ୍ତରର ଲୋକମାନେ ଖାଦ୍ୟଦ୍ରବ୍ୟର ବ୍ୟବହାର କଲାବେଳେ ଏଥିରେ ସଂପୃକ୍ତ ଚାଷୀର କଷ୍ଟକୁ ଅନୁଭବ କଲେ ସେମାନେ ଚାଷୀକୁ ଉଚିତ ସମ୍ମାନ ଦେଇପାରିବେ ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ http://fpoodisha.nic.in ୱେବ୍‌ପୋର୍ଟାଲକୁ ଉନ୍ମୋଚିତ କରିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କୃଷି ବିଭାଗ ଓ ଉଦ୍ୟାନକୃଷି ନିର୍ଦ୍ଦେଶାଳୟକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପୋର୍ଟାଲ ରାଜ୍ୟର ସମସ୍ତ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଏକ ବୈଦ୍ୟୁତିକ ମଞ୍ଚ, ଯାହାକି ଏକକ ବାତାୟନ ସେବା ପ୍ରଦାନ କରିବ ବୋଲି କହିଛନ୍ତି।

ସମାବେଶର ୩ଟି ବ୍ୟବସାୟିକ ଅଧିବେଶନରେ ଉପୁଜିଥିବା ସମସ୍ୟାର ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଶାସନ ସଚିବ ଆର୍. ରଘୁପ୍ରସାଦ, ନାବାର୍ଡର ମୁଖ୍ୟ ସାଧାରଣ ପରିଚାଳକ ସି. ଉଦୟ ଭାସ୍କର ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ସ୍ୱାଗତ ଭାଷଣ ଏବଂ କୃଷି ଓ ଖାଦ୍ୟ ଉତ୍ପାଦର ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୭ ଜିଲାର ୧୦ଟି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ମୂଲ୍ୟଯୁକ୍ତ ଉତ୍ପାଦର ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।



ହୃଦୟ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ଗ୍ରୀକ୍ ନାଟକ 'ସଫୋକ୍ଲିସ୍‌ଙ୍କ ରାଜା ଇଡିପସ୍'ର ଏକ ଦୃଶ୍ୟ।

## ସଫେଇ ନାଳରୁ ନରକଙ୍କାଳ ଜବତ

**ପିପିଲି, ୧୮।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି ଥାନା ନୂଆଶାସନ ପଞ୍ଚାୟତ ଅନ୍ତର୍ଗତ କଡ଼ିମଲ୍ଲ ଗ୍ରାମ ସଫେଇ ନାଳ ପାର୍ଶ୍ୱ ବନ୍ଧରେ ପଡ଼ିଥିବା ଏକ ନରକଙ୍କାଳକୁ ଶନିବାର ପୋଲିସ ଉଦ୍ଧାର କରିଛି। ଏହି କଙ୍କାଳଟି ପୁରୁଷ ଲୋକର ନା ମହିଳାଙ୍କ ତାହା ଜଣାପଡୁ ନ ଥିବା ବେଳେ ଏହା ପ୍ରାୟ ଏକ ବର୍ଷର ପୁରୁଣା କଙ୍କାଳ ବୋଲି ଅନୁମାନ କରାଯାଉଛି। ଏ ନେଇ ପୋଲିସ ନଂ.୨୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନୂଆଶାସନ କଡିମଲ୍ଲ ଗ୍ରାମର କେତେଜଣ ଲୋକ ଶନିବାର ଅପରାହ୍ନରେ ଉକ୍ତ ସଫେଇ ନାଳକୁ ମାଛ ଧରିବାକୁ ଯାଇଥିଲେ। ହେଲେ ନାଳପାର୍ଶ୍ୱରେ ନରକଙ୍କାଳ ପଡ଼ିଥିବା ଦେଖି ଭୟଭୀତ ହୋଇ ଗାଁ ଲୋକଙ୍କୁ ଖବର ଦେଇଥିଲେ। ନରକଙ୍କାଳ ଦେଖିବାକୁ ସ୍ଥାନୀୟ ଲୋକଙ୍କର ସେଠାରେ ଭିଡ଼ ଜମିଥିବା ବେଳେ କଙ୍କାଳମୁଣ୍ଡଟି ସଫେଇ ନାଳ ଭିତରେ ପଡ଼ିଥିଲା। ଖବରପାଇ ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନରକଙ୍କାଳକୁ ଉଦ୍ଧାର କରିଛି। ପରେ ଏହାକୁ କଟକ ଫରେନ୍‌ସିକ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

## ୪ ମେଡିସିନ ଦୋକାନ ତାଲା କାଟି ସିରିଜ୍ ଲୁଟ୍

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

- ଲକ୍ଷାଧିକ ଟଙ୍କା, ହର୍ଲିକ୍ସ, ମେଡିସିନ ନେଇଗଲେ
- ସିସିଟିଭିକୁ ଆଧାର କରି ପୋଲିସ ତଦନ୍ତ ଜାରି

ରାଜଧାନୀରେ ଦିନକୁ ଦିନ ଲୁଟେରାଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଜାଗମରା ଅଞ୍ଚଳରେ ଜୁଏଲେରି ଶୋ'ରୁମ୍ ଶଟର ତାଡ଼ି ପ୍ରାୟ କୋଟିଏ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏହାର କିଛିଦିନ ପରେ ଶୁକ୍ରବାର ରାତିରେ ପୁଣି ସିରିଜ ଲୁଟ ହୋଇଛି। ଆଇଗିଣିଆ ଛକରୁ ଏମ୍ସ ଯିବା ରାସ୍ତାରେ ୪ଟି ମେଡିସିନ ଦୋକାନ ଶଟର ତାଲା କାଟି ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କା ଓ ମେଡିସିନ ଚୋରି କରି ନେଇଛନ୍ତି। ଏପରିକି ଦୋକାନର ସିସିଟିଭିକୁ ଭାଙ୍ଗି ନଷ୍ଟ କରିବା ସହ ହାର୍ଡଡିସ୍କକୁ ନେଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ଖଣ୍ଡଗିରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଖଣ୍ଡଗିରି ଥାନା ଅନ୍ତର୍ଗତ ଏମ୍ସ ହସ୍ପିଟାଲ ରୋଡ୍‌ରେ ୪ଟି ମେଡିସିନ ଦୋକାନକୁ ଲୁଟେରାମାନେ ଟାର୍ଗେଟ କରିଥିଲେ। ବିଳମ୍ବିତ ରାତିରେ ସିସିଟିଭିକୁ ଭାଙ୍ଗିବା ପରେ ତାଲା କାଟି ଲୁଟ୍‌ପାଟ କରିଥିଲେ। ସକାଳୁ ଖବର ପାଇ ସିଜୁଆ ଅଞ୍ଚଳରେ ରହୁଥିବା ଦୋକାନୀ ପ୍ରତାପ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚିବା ସହ ଅନ୍ୟ ଦୋକାନୀଙ୍କୁ ଖବର ଦେଇଥିଲେ। ପ୍ରତାପଙ୍କ ଦୋକାନରୁ ୯୦ ହଜାର ଟଙ୍କା, ହର୍ଲିକ୍ସ, ବେବି ଫୁଡ୍ ଓ ଅନ୍ୟାନ୍ୟ ମେଡିସିନ ଚୋରି ହୋଇଥିବା ଅଭିଯୋଗ ହୋଇଥିବାବେଳେ ତାଙ୍କ ପଡୋଶୀଙ୍କ ଦୋକାନରୁ ୬୦ହଜାର ଟଙ୍କା ସହ ଦାମୀ ମେଡିସିନ ଚୋରି ହୋଇଛି। ସେହିପରି ଅନ୍ୟ ୨ଜଣଙ୍କ ଦୋକାନରୁ ମେଡିସିନ ସହ ସ୍ୱଳ୍ପ ଟଙ୍କା ଚୋରି ହୋଇଛି। ଏନେଇ ୪ ଜଣ ଦୋକାନୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କରିଛନ୍ତି।

## ୨ ପଥର ଟ୍ରକ୍ ଜବତ

**କଣାସ,୧୮।୧୨ (ସ୍ୱ.ପ୍ର.):** ଖଣିରୁ ଚୋରାରେ ପଥର କାଟି ନେଉଥିବାରୁ ସରକାରଙ୍କ ରାଜସ୍ୱ ଅଧିକ କ୍ଷତି ହୋଉଛି। ଶନିବାର କଣାସ ଥାନା ଆଇଆଇସି ସୁଜିତ୍ ଦାସ ଏବଂ ଥାନାର କେତେକ କର୍ମଚାରୀ ବିଭିନ୍ନ ସ୍ଥାନରେ ଚେକିଂ କରିଥିଲେ। ନୂଆ ଜଗନ୍ନାଥ ସଡକରେ ପାଟ୍ରୋଲିଂ କରୁଥିବା ସମୟରେ ବରଣ ଶଙ୍ଖରେ ବେଆଇନ ଭାବେ ନେଉଥିବା ଓଆର ୦୨ ଏଜି ୦୦୭୯ ପଥର ଟ୍ରକ୍‌କୁ ଧରିଥିଲେ। ପରେ ଗଡ଼ସାହି ନିକଟରୁ ଓଆର ୦୨ ବି ୮୬୯୫ ଆଉ ଗୋଟିଏ ପଥର ଟ୍ରକ୍‌କୁ ଜବତ କରିଛନ୍ତି।

## ଦୁର୍ଘଟଣା ଜୋନ୍ ପାଲଟିଛି ବାଇପାସ୍ ରାସ୍ତା

**ବାଲୁଗାଁ,୧୮।୧୨(ଡି.ଏନ୍.ଏ.)**

- ଗାଡ଼ି ଧକ୍କାରେ ବୃଦ୍ଧା ମୃତ
- ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଖୋର୍ଦ୍ଧା ଜିଲା ଅଧୀନ ସୁନାଖଳା ଛକରୁ ନାଭାଲ ଛକ ପର୍ଯ୍ୟନ୍ତ ଦୀର୍ଘ ୨୦କିଲୋମିଟର ବାଇପାସ୍ ରାସ୍ତା ଦୁର୍ଘଟଣା ଜୋନ୍ ପାଲଟିଛି। ଏହି ରାସ୍ତାରେ ଗତ କିଛି ମାସ ହେବ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ୧୫ଦିନ ପୂର୍ବେ ଏହି ରାସ୍ତାର ବେଲପଡ଼ା ଛକ ଠାରେ ଏକ ପିକ୍‌ନିକ୍ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଶନିବାର ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବାଙ୍କିଆପଲ୍ଲୀ ଗ୍ରାମର ରୀନା ବେହେରା(୭୦)।

ସୂଚନା ମୁତାବକ, ବାଙ୍କିଆପଲ୍ଲୀ ଗ୍ରାମର ରୀନା ଦୈନନ୍ଦିନ ପରି ଶନିବାର ସକାଳେ ମାଛ ବିକ୍ରି ଉଦ୍ଦେଶ୍ୟରେ ଆଖପାଖ ଗ୍ରାମ ଅଭିମୁଖେ ବାହାରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ବାଇପାସ୍ ରାସ୍ତାର କୋତରୀ ଗ୍ରାମ ଛକ ଠାରେ ରିନା ରାସ୍ତା ଅତିକ୍ରମ କରୁଥିବା ବେଳେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୨୫/୨୧)ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶଥାଉ କି. ବାଲୁଗାଁ ବାଇପାସ୍ ରାସ୍ତା ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗ୍ରାମକୁ ସଂଲଗ୍ନ କରୁଛି। ପ୍ରତି ଗ୍ରାମ ଛକରେ ହମ୍ପ କିମ୍ବା କୌଣସି ସୂଚନା ଫଳକ ନ ଥିବାରୁ ଗାଡ଼ି ଗୁଡ଼ିକ ଦ୍ରୁତ ବେଗରେ ଗତି କରୁଥିବା ବେଳେ ସାଧାରଣଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ରାସ୍ତାର ଡିଭାଇଡର ମଧ୍ୟରେ ଅନାବନା ଗଛଲତା ଉଠି ରାସ୍ତା ଉପରକୁ ମାଡ଼ି ଆସିଥିବାରୁ ଏହା ମଧ୍ୟ ଦୁର୍ଘଟଣାର କାରଣ ପାଲଟିଛି। ପ୍ରଶାସନ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଫିଜିଓଥେରାପି କ୍ୟାମ୍ପ୍ ଆରମ୍ଭ

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

ଉମେଶ ଖଣ୍ଡେଲୱାଲ ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ଉତ୍କଳ ପ୍ରାଦେଶିକ ମାର୍‌ୱାଡି ସମ୍ମେଳନ, ଭୁବନେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ଶନିବାରଠାରୁ ଫିଜିଓଥେରାପି କ୍ୟାମ୍ପ୍ ଉଦ୍‌ଘାଟିତ ହୋଇଯାଇଛି। କଟକ ରୋଡ୍ ତେରାପନ୍ଥୀ ଭବନ ପରିସରରେ ଆୟୋଜିତ ଏହି ୪ ଦିନିଆ ଚିକିତ୍ସା ଶିବିରକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। 'ବୃଦ୍ଧଜନ ସେବା ସଂସ୍ଥାନ', ଉଦୟପୁର (ରାଜସ୍ଥାନ)ର ସୁନାମଧନ୍ୟ ଚିକିତ୍ସାବିତ୍ ସାହିଲ ଗ୍ରୋବାର, କୈଳାସ କୁମାର ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରେ ମୁଖ୍ୟତଃ ଆଣ୍ଠୁ, ଅଣ୍ଟା ଓ ପିଠିର ଯନ୍ତ୍ରଣା ତଥା ସାଇଟିକା ପରି ଯନ୍ତ୍ରଣାଦାୟକ ବ୍ୟାଧି ଚିକିତ୍ସା ଓ ଆଶୁ ଉପଶମ ତଥା ଚିକିତ୍ସା ପରବର୍ତ୍ତୀ ପରାମର୍ଶ ନିଃଶୁଳ୍କ ଦିଆଯାଉଛି। ତେବେ ୫୦ ଟଙ୍କା ଦାଖଲ କରି ଏଠାରେ ପଞ୍ଜୀକରଣ କରିବାକୁ କାର୍ଯ୍ୟକ୍ରମ ସଂଯୋଜକ ଉମେଶ ଖଣ୍ଡେଲୱାଲ ଅନୁରୋଧ କରିଛନ୍ତି। ୨୧ ତାରିଖ ପର୍ଯ୍ୟନ୍ତ ଏହି ଶିବିର ସକାଳ ୧୦ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଚାଲିବ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୌମ୍ୟରଞ୍ଜନ



@ ଦେବ



@ ସୌମ୍ୟ



@ ସୋନାଲି



@ ଜିତୁ



@ ମନୋରଞ୍ଜନ

## ନେପାଳ, ପଶ୍ଚିମବଙ୍ଗର ୨ ଅଭିଯୁକ୍ତ ଗିରଫ

**ଆନ୍ତଃରାଷ୍ଟ୍ର ଗଞ୍ଜେଇ ଚୋରାଚାଲାଣ ର୍ୟାକେଟ**

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

ଆନ୍ତଃରାଷ୍ଟ୍ର ଗଞ୍ଜେଇ ଚୋରାଚାଲାଣ ର୍ୟାକେଟରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍ ଷ୍ଟାଣ୍ଡରୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ୨୧କେଜି ଗଞ୍ଜେଇ ଜବତ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନପୁର ଅଞ୍ଚଳର ନିଶିକାନ୍ତ ବେରା ଓ ନେପାଳର ଘର ଠିକଣା ସ୍ପଷ୍ଟ କରୁ ନ ଥିବା କୋଳଥିଆ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ସାଗର ପୁନ। ଉଭୟ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ ମାଲକାନଗିରି ବସ୍‌ରେ ରାଜଧାନୀକୁ ଗଞ୍ଜେଇ ଚୋରାଚାଲାଣ ନେଇ ଭରତପୁର ଥାନା ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଚଢାଉ କରି ୨ଅଭିଯୁକ୍ତଙ୍କ ନିକଟରୁ ୨୧କେଜି ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତ ନିଶିକାନ୍ତ ଓ ସାଗରଙ୍କୁ ପଚରା ଉଚରାବେଳେ ଆନ୍ତଃରାଷ୍ଟ୍ର ଗଞ୍ଜେଇ ଚୋରା ଚାଲାଣ ନେଇ ପୋଲିସକୁ ସୂଚନା ମିଳିଥିଲା। ଉଭୟ ଗଞ୍ଜେଇକୁ ବସ୍‌ରେ ପଶ୍ଚିମବଙ୍ଗ ନେଇଯିବାକୁ ଯୋଜନା କରିଥିଲେ। ନେପାଳ ସୀମାକୁ ପାର ହେବାପରେ ଆନ୍ତଃରାଜ୍ୟ ବଜାରକୁ ଯୋଗାଣ କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସକୁ ସୂଚନା ମିଳିଛି।




ସିବିଏସ୍‌ଇ ପ୍ରଶ୍ନପତ୍ରରେ ନାରୀ ବିଦ୍ୱେଷୀ ମନ୍ତବ୍ୟ ବିରୋଧରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।




ପୂର୍ଣ୍ଣ ଅନୁଦାନ ସମେତ ବିଭିନ୍ନ ଦାବି ନେଇ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (+୨ ଓ +୩) କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଉମେଶ ଖଣ୍ଡେଲୱାଲ୍ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍କଳ ପ୍ରାଦେଶିକ ମାର୍‌ୱାଡ଼ି ସମ୍ମେଳନ ପକ୍ଷରୁ ଭୁବନେଶ୍ୱର ତେରାପନ୍ଥ ଭବନରେ ଅନୁଷ୍ଠିତ ଫିଜିଓଥେରାପି ଚିକିତ୍ସା ଶିବିର।

**ଶିକ୍ଷାର ବୈପ୍ଳବିକ ପରିବର୍ତ୍ତନ ପଥରେ ସତ୍ୟବାଦୀ**

ସାକ୍ଷୀଗୋପାଳ,(ସ୍ୱ.ପ୍ର./ଡି.ଏନ୍.ଏ.)- ସତ୍ୟବାଦୀ ପ୍ରାଥମିକ ଶିକ୍ଷକ ସଂଘ ନୂତନ ପେନ୍‌ସନ୍ ଭୁକ୍ତ(ଏନ୍‌ପିଏସ୍)ର ସାଧାରଣ ବୈଠକ ସ୍ଥାନୀୟ ଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସତ୍ୟବାଦୀ ବ୍ଲକର ୨୦୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୋଭିଡ୍ ସମୟରେ ଶିକ୍ଷାଦାନର ବ୍ୟବସ୍ଥା, ଆଗାମୀ ଦିନରେ ଶିକ୍ଷାର ବୈପ୍ଳବିକ ପରିବର୍ତ୍ତନ, ତ୍ୟାଗ ଓ ସଂସ୍କାରର ଭୂମି ସତ୍ୟବାଦୀ କିଭଳି ଐତିହ୍ୟ ଗୌରବକୁ ଫେରିପାଇବ ସେନେଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ଅବସରରେ ଏନ୍‌ପିଏସ୍‌ର ସଭାପତି ଅଜୟ କୁମାର ପ୍ରଧାନ, ସମ୍ପାଦକ ସୁମନ୍ତ କୁମାର ପାଲ, ଉପଦେଷ୍ଟା ସୁନୀଲ କୁମାର ବେହେରା ଏବଂ ଇସିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସଂଘର ଉପସଭାପତି ସୁଜାତା ଦେବୀ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୨।୨୦୨୧

| | |
|---|---|
| ୬,୦୪,୪୦୮ ଟଙ୍କା | |
| ସୁନା | ୮.୮୭୦ ଗ୍ରାମ |
| ରୁପା | ୪୦.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଓଡ଼ିଶା କୁମ୍ଭକାର ସମ୍ମିଳନୀ, ପୁରୀ ଚାଲ ଅଭିଯାନ, କୁମ୍ଭାରପଡ଼ା କଲ୍ୟାଣ ମଣ୍ଡପ, ସକାଳ ୯ଟା।
- ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ଲାଟିନମ ଜୁବିଲିର ଲୋଗ ଉନ୍ମୋଚନ, ବିଦ୍ୟାପୀଠ ପରିସର, ମଧ୍ୟାହ୍ନ ୧୨ଟା ୩୦।
- ଦେବସେନା ଓଡ଼ିଶା ପ୍ରଦେଶ କାର୍ଯ୍ୟକାରିଣୀ ବୈଠକ, ରାଣୀସତୀ ଭବନ, ଅପରାହ୍ନ ୪ଟା।
- ଓ୍ୱିନିଙ୍ଗ୍ ସ୍ୱୋର୍ଟିଂର ୧୯ ତମ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନ ସମ୍ମାନ, ବେଳାଭୂମି ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ
### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଅସ୍ତରଙ୍ଗ,୧୮।୧୨(ଡି.ଏନ୍.ଏ)- ଅସ୍ତରଙ୍ଗ ଥାନା ଦ୍ୱୀପାଞ୍ଚଳ ତାଳଦା ନଦୀ ପଠାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ଏଡେବାଂଶ ଗ୍ରାମର ବିଜୟ ପରିଡା (୩୫)। ତେବେ ଏ ନେଇ ପରିବାର ଲୋକେ ପୁଅ ବିଜୟଙ୍କୁ କେହି ହତ୍ୟା କରିଥିବା କହି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ଖବର ଅନୁଯାୟୀ, ବିଜୟ ଗତ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରୁଥିବାବେଳେ ଶନିବାର ସକାଳେ ତାଳଦା ସରକାରୀ ମଦ ଦୋକାନଠାରୁ ୩ ଶହ ମିଟର ଦୂରରେ ଏକ ପାଣି ଖାଲରୁ ବିଜୟଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ପୋଲିସ ଖବରପାଇ ପହଞ୍ଚି ମୃତଦେହ ଜବତ ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାସ୍ଥଳରୁ କେତେକ ଆପତ୍ତି ଜଣକ ଜିନିଷ ଜବତ କରିଛନ୍ତି। ପରେ ପରିବାର ଲୋକ ପହଞ୍ଚି ପୁଅକୁ କେହି ହତ୍ୟା କରି ଏଠାରେ ଫିଙ୍ଗିଥିବା ସନ୍ଦେହ କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣା ସମ୍ପର୍କରେ ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀ, ଅସ୍ତରଙ୍ଗ ଏସ୍‌ଆଇ ଅଶୋକ ଦାସଙ୍କ ସହ ଏକ ସ୍ୱତନ୍ତ୍ର ଟିମ ତଦନ୍ତ ଜାରି ରଖିଛନ୍ତି।

### ୨ ପଥର ଟ୍ରକ୍ ଜବତ

କଣାସ,୧୮।୧୨ (ସ୍ୱ.ପ୍ର.)- ଖଣିରୁ ଚୋରାରେ ପଥର କାଟି ନେଉଥିବାରୁ ସରକାରଙ୍କ ରାଜସ୍ୱ ଅଧିକ କ୍ଷତି ହୋଉଥିବା ଯୋଗୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲାର ସମସ୍ତ ଥାନାର ଅଧିକାରୀମାନେ ଚୋରା ପଥର ଟ୍ରକ୍ ଧରିବାକୁ ସକ୍ରିୟ ହୋଇପଡିଛନ୍ତି। ଏହି ଅବସରରେ ଶନିବାର କଣାସ ଥାନା ଆଇଆଇସି ସୁଜିତ୍ ଦାସ ଏବଂ ଥାନାର କେତେକ କର୍ମଚାରୀ ବିଭିନ୍ନ ସ୍ଥାନରେ ଚେକିଂ କରିଥିଲେ। ନୂଆ ଜଗନ୍ନାଥ ସଡକରେ ପାଟ୍ରୋଲିଂ କରୁଥିବା ସମୟରେ ବରଣ ଶଙ୍ଖରେ ବେଆଇନ ଭାବେ ନେଉଥିବା ଓଆର ୦୨ ଏଜି ୦୦୭୯ ପଥର ଟ୍ରକ୍‌କୁ ଧରିଥିଲେ। ପରେ ଗଡ଼ସାହି ନିକଟରୁ ଓଆର ୦୨ ବି ୮୬୯୫ ଆଉ ଗୋଟିଏ ପଥର ଟ୍ରକ୍‌କୁ ଜବତ କରିଛନ୍ତି। ଏ ନେଇ ପୋଲିସ ୨ଟି ପୃଥକ ମାମଲା (ନଂ.୨୮୦, ୨୮୧/୨୧) ରୁଜୁ କରି ତଦନ୍ତ କରୁଛି।

# ରତ୍ନଭଣ୍ଡାର ଚାବି ସମ୍ପର୍କିତ ତଥ୍ୟ ଦେଉନି ପ୍ରଶାସନ

ପୁରୀ ଅଫିସ,୧୮।୧୨:

ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ତଥ୍ୟ ଦେବାରେ ଅବହେଳା କରୁଛି ଜିଲାପାଳ କାର୍ଯ୍ୟାଳୟ। ଯେଉଁ ଚିଠି ସୂଚନା ଅଧିକାର ଆଇନ ବଳରେ ଜିଲା ଟ୍ରେଜେରିରୁ ମିଳିସାରିଛି, ସେହି ସମାନ ଚିଠିକୁ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଉ ନାହିଁ। ଚିଠି ନମ୍ବର- ୨୨୨୨, ୬/୦୮/୨୦୧୮ ଆଧାରରେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ରେକର୍ଡ ରୁମ୍‌ରୁ ମିଳିଥିବା ଭିତର ରତ୍ନଭଣ୍ଡାର ନକଲି ଚାବିକୁ ଟ୍ରେଜେରିରେ ଦାଖଲ କରିଥିଲେ। ତେବେ ସମ୍ପୃକ୍ତ ଚିଠି ଟ୍ରେଜେରିଠାରୁ ମିଳିସାରିଥିବା ବେଳେ ଚିଠିରେ ନକଲି ଚାବି ସମ୍ପର୍କରେ ସିଧାସଳଖ ଭାବେ ଲେଖା ନ ଯାଇ ମୂଲ୍ୟବାନ ସାମଗ୍ରୀ ବୋଲି ଲେଖାଯାଇଥିଲା। ଏହି ଚିଠି ସାର୍ବଜନୀନ ହେବା ପରେ ଚିଠିର ବିଶ୍ୱସନୀୟତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଥିଲା। ଏବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ପୃକ୍ତ ଚିଠିକୁ ନ ଦେବା କହିବା ସନ୍ଦେହ ଆହୁରି ଦୃଢୀଭୂତ ହୋଇଛି।

ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଚିଠିର ନକଲ ମାଗିବାର ମାସେ ବିତିବା ପରେ ମଧ୍ୟ ତାଙ୍କୁ ତଥ୍ୟ ଦିଆଗଲା ନାହିଁ। ଏହାପରେ ସେ ପ୍ରଥମ ଅପିଲ୍ କରିଥିଲେ। ପ୍ରଥମ ଅପିଲ୍‌ରେ ତାଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଚିଠି ଦେବା ପାଇଁ

### ଚିଠି ଖୋଲିବ ରହସ୍ୟ

କହିଥିଲେ ମଧ୍ୟ ଜିଲାପାଳ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ଚିଠି ଦେବା ପାଇଁ ୧୫ଦିନ ସମୟ ମାଗିଥିଲେ। ୧୫ ଦିନ ପରେ ଚିଠିର ନକଲ ପ୍ରଦାନ କରିବା ବଦଳରେ ତାଙ୍କୁ ଏହି ତଥ୍ୟ ଦିଆଯିବ ନାହିଁ ବୋଲି କୁହାଗଲା। ଶ୍ରୀମନ୍ଦିର ପ୍ରଶାସନ ଚିଠି ଦେବା ପାଇଁ ମନା କରିଥିବା ଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ଉଲ୍ଲେଖ କରାଗଲା। ଏ ନେଇ ଦିଲୀପ କହିଛନ୍ତି, ଚିଠିଟି ଜିଲାପାଳଙ୍କ କାର୍ଯ୍ୟାଳୟରୁ ଟ୍ରେଜେରିକୁ ଲେଖାଗଲା। ଏଠାରେ ଶ୍ରୀମନ୍ଦିର ପ୍ରଶାସନ ଚିଠି ନ ଦେବା ପାଇଁ ପରାମର୍ଶ ଦେବା ପଛର କାରଣ ବୁଝାପଡୁ ନାହିଁ। ସମ୍ପୃକ୍ତ ଚିଠି ଟ୍ରେଜେରିରୁ ମିଳିସାରିଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ କାହିଁକି ଦେବ ନାହିଁ। ସମ୍ପୃକ୍ତ ଚିଠିରେ କ'ଣ ଏଭଳି ରହସ୍ୟ ରହିଛି ଯେ ଶ୍ରୀମନ୍ଦିର ପ୍ରଶାସନ ଚିଠି ହସ୍ତାନ୍ତର କରିବା ପାଇଁ ଜିଲା ପ୍ରଶାସନଙ୍କୁ ମନା କରିଛନ୍ତି। ଚିଠି ମଧ୍ୟରେ ଅନେକ ରହସ୍ୟ ରହିଛି ଓ ଏହା ସର୍ବସାଧାରଣକୁ ଆସିଲେ ଅନେକ ଅଧିକାରୀଙ୍କ ମିଛ ଧରାପଡ଼ିବା ସହ ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ନୂଆ ସତ ସାମ୍ନାକୁ ଆସିବ ବୋଲି ଦିଲୀପ କହିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ହୃଦୟ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ଗ୍ରୀକ୍ ନାଟକ 'ସଫୋକ୍ଲିସ୍‌ଙ୍କ ରାଜା ଇଡିପସ୍'ର ଏକ ଦୃଶ୍ୟ।

## ୨୦ରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବ

ପୁରୀ ଅଫିସ୍,୧୮।୧୨

ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର-ଶ୍ରୀ ଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ୨୧ତମ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବ ଓ ଆଲୋଚନା ଚକ୍ର-୨୦୨୧ ଚଳିତମାସ ୨୦ ତାରିଖରେ ଅନୁଷ୍ଠିତ ହେବ। ସ୍ଥାନୀୟ ବଡ଼ଦାଣ୍ଡର ଗୁରୁ ଇଷ୍ଟେଟ୍ ସାଂସ୍କୃତିକ ମଣ୍ଡପରେ ପାଳନ କରାଯିବ। ଏହି ଅବସରରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ସାଧନା ନିମନ୍ତେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ବିଦ୍ୱାନ ସୀମାଞ୍ଚଳ ଦାଶଙ୍କୁ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ଆଦିଗୁରୁ ଦେଶରଜା ସ୍ୱର୍ଗତ ସିଂହାରୀ ଶ୍ୟାମସୁନ୍ଦର କର ସ୍ମୃତି ସମ୍ମାନ, ଉର୍ମିଳା ପ୍ରଧାନଙ୍କୁ ସ୍ୱର୍ଗତ ପଣ୍ଡିତ ମାର୍କଣ୍ଡେୟ ମହାପାତ୍ର ସ୍ମୃତି ସମ୍ମାନ, ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କୁ ସ୍ୱର୍ଗତ ପଣ୍ଡିତ କାଶୀନାଥ ପୂଜାପଣ୍ଡା ସ୍ମୃତି ସମ୍ମାନ, ଗୁରୁ ଶଙ୍କର୍ଷଣ ପାତ୍ରଙ୍କୁ ସ୍ୱର୍ଗତ ବଡେହରିହର ଗୁରୁ ସ୍ମୃତି ସମ୍ମାନ ଓ ଓଡ଼ିଶାର ବିଶିଷ୍ଟ ମର୍ଦ୍ଦଳ ତଥା ତବଲା ବାଦକ ପଣ୍ଡିତ ହରମୋହନ ଖୁଣ୍ଟିଆ ମହୋଦୟଙ୍କୁ ସ୍ୱର୍ଗତ ଗୁରୁ କ୍ଷେତ୍ର ମୋହନ କର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏହାସହ ସନ୍ଧ୍ୟାରେ ସମ୍ମାନିତ ଶିଳ୍ପୀମାନେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ଗୀତଗୋବିନ୍ଦ, ଛାନ୍ଦ, ଚମ୍ପୂ ଓ ଜଣାଣ ଇତ୍ୟାଦି ପରିବେଷଣ କରିବେ। ଏ ନେଇ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ଶ୍ରୀକଣ୍ଠ ମିଶ୍ର, ସମ୍ପାଦକ ଶତ୍ରୁଘ୍ନ ନାୟକ, ମୁଖ୍ୟ ସଂଯୋଜକ ସତ୍ୟନାରାୟଣ ଗୁରୁ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ମହିମୋହନ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।

## ଭାଜପାର ପ୍ରଶିକ୍ଷଣ ଶିବିର ଲାଗି ପ୍ରସ୍ତୁତି

କୋଣାର୍କ,୧୮।୧୨(ଡି.ଏନ୍.ଏ.)

ଭାଜପାର ଆସନ୍ତା ୨୧ ଓ ୨୨ତାରିଖରେ ପ୍ରଶିକ୍ଷଣ ଶିବିର ନିମନ୍ତେ କୋଣାର୍କସ୍ଥିତ ଯାତ୍ରୀନିବାସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର ଭାଜପା ସଭାପତି ଆଶ୍ରିତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଛନ୍ତି। ଶିବିରରେ କାକଟପୁର, ନିମାପଡ଼ା, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ପୁରୀ ସଦର ନିର୍ବାଚନ ମଣ୍ଡଳୀର ନିର୍ବାଚିତ ବିଧାୟକ, ବିଧାୟକ ପ୍ରାର୍ଥୀ, ଜିଲାର ୩୮ଟି ମଣ୍ଡଳର କର୍ମକର୍ତ୍ତା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ସମସ୍ତ ମୋର୍ଚ୍ଚାର ସଭାପତି ଓ ପୁରୀ ଜିଲାର ସମସ୍ତ ପଦାଧିକାରୀମାନେ ଉପସ୍ଥିତ ରହିବେ ବୋଲି ସ୍ଥିର ହୋଇଛି। ଏହାକୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଉଦ୍‌ଘାଟନ କରିବେ। ଶିବିରର ବିଭିନ୍ନ ଦିବସରେ ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡା, ବିଧାୟକ ଜୟନ୍ତ ଷଡଙ୍ଗୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରବି ମଲ୍ଲିକ ପ୍ରମୁଖ ତାଲିମ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ପ୍ରଭାତୀ ପରିଡା, ରବି ମଲ୍ଲିକ, କୋଣାର୍କ ମଣ୍ଡଳ ସଭାପତି ସୁକାନ୍ତ ନାୟକ, ସରପଞ୍ଚ ସୁଶାନ୍ତ ସ୍ୱାଇଁ, ରଞ୍ଜିତ ରାଉତରାୟ, ନୃସିଂହ ଚରଣ ନାୟକ, ଗୋପୀନାଥ ସ୍ୱାଇଁ, ମଙ୍ଗରାଜ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

# ସରକାରୀ ଜାଗାରେ ବୃଷଭ ନିର୍ମାଣ

କଣାସ,୧୮।୧୨(ସ୍ୱ.ପ୍ର.)

### ତହସିଲଦାର ଭାଙ୍ଗିବାକୁ ଯିବାବେଳେ ମହିଳାଙ୍କ ବିରୋଧ

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର କୁଉଡିଖିଣି ଗ୍ରାମର କାର୍ତ୍ତିକେଶ୍ୱର ମହାଦେବଙ୍କ ନିମନ୍ତେ ଏକ ବୃଷଭ ମୂର୍ତ୍ତି ନିର୍ମାଣ ହୋଇଛି। ହେଲେ ତାହା ସରକାରୀ ଜାଗାରେ ହୋଇଥିବାରୁ ଶନିବାର ତହସିଲଦାର ଲକ୍ଷ୍ମୀଧର ମହାରଣା ଭାଙ୍ଗିବାକୁ ଯାଇଥିଲେ। କିନ୍ତୁ ଗ୍ରାମର ମହିଳାମାନେ ଏହାକୁ ବିରୋଧ କରିବା ସହ ବୃଷଭକୁ ଘେରି ଭାଙ୍ଗିବାକୁ ଦେଇ ନ ଥିଲେ। ବୁଝାଇବା ସତ୍ତ୍ୱେ ମହିଳାମାନେ ଅଡ଼ିବସିବାରୁ ତହସିଲଦାର ନିରାଶ ହୋଇ ସେଠାରୁ ଫେରି ଆସିଥିଲେ।

ଖବର ଅନୁଯାୟୀ, ୬ ମାସ ତଳେ କଉଡିଖିଣି ଗ୍ରାମରେ ସରକାରୀ ଜାଗାରେ ଗ୍ରାମବାସୀ ଏକ ବୃଷଭ ବାହନ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମୂର୍ତ୍ତି ନିର୍ମାଣ ସରିବା ପରେ ଗତ ୧୨ ଓ ୧୩ ଦୁଇଦିନ ଧରି ଯଜ୍ଞ ହୋମ କରାଯାଇ ବୃଷଭକୁ ଜୀବଦାନ ଦିଆଯାଇଥିଲା। ହେଲେ ତାହା ବେଆଇନ ହୋଇଥିବାରୁ ଶନିବାର ଉକ୍ତ ମୂର୍ତ୍ତିକୁ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ନୋଟିସ୍ ଦିଆଯାଇଥିଲା। ତଦନୁଯାୟୀ ତହସିଲଦାର ମହାରଣା, ଗଡିଶାଗୋଡା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ଓ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହା ଜାଣିପାରି ୨୦୦ରୁ ଊର୍ଦ୍ଧ୍ୱ ମହିଳା ବୃଷଭ ଚାରିପଟେ ଘେରିଯାଇ ପ୍ରତିବାଦ କରିଥିଲେ। ପ୍ରତିବାଦ ଯୋଗୁ ତହସିଲଦାର ବୃଷଭକୁ ଭାଙ୍ଗି ନ ପାରି ଗ୍ରାମର କେତେଜଣ ବୁଦ୍ଧିଜୀବୀ, ଥାନା ଆଇଆଇସିଙ୍କ ସହ ଏକ ବୈଠକ କରିଥିଲେ। ଆଗାମୀ ଦିନରେ ବସି ଗ୍ରାମବାସୀଙ୍କ ସହିତ ଆଲୋଚନା ହେବାପରେ ବୃଷଭ ଭାଙ୍ଗିବା ସମ୍ପର୍କରେ ନିଷ୍ପତ୍ତି କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଶେଷରେ ବୃଷଭ ନ ଭାଙ୍ଗି ପ୍ରଶାସନିକ ଅଧିକାରୀ ଫେରିଆସିଥିଲେ।



ବୃଷଭ ଚାରିପାଖରେ ଘେରି ରହିଥିବା ମହିଳା।

# ରାସ୍ତାକଡ଼ରୁ ବିପନ୍ନ ପରିବାର ଉଦ୍ଧାର

ସାକ୍ଷୀଗୋପାଳ, ୧୮।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

- ସହାୟତାର ହାତ ବଢ଼ାଇଲେ ଆଇଆଇସି
- କାମ ନ ପାଇ ଚାଲି ଚାଲି ଗାଁକୁ ଫେରୁଥିଲେ

ସତ୍ୟବାଦୀ ନିକଟ ରାସ୍ତାକଡରେ ଅସହାୟ ଅବସ୍ଥାରେ ଥିବା ଜଣେ ବିପନ୍ନ ପରିବାରକୁ ଶନିବାର ଉଦ୍ଧାର କରାଯାଇଛି। ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ଉକ୍ତ ପରିବାରକୁ ସହଯୋଗର ହାତ ବଢ଼ାଇଥିଲେ । ଶୀତ କାକରରେ ଖୋଲା ଆକାଶ ତଳେ ଥିବା ଉକ୍ତ ପରିବାରକୁ ଆଇଆଇସି ସେମାନଙ୍କ ଠିକଣା ସ୍ଥାନରେ ସୁରକ୍ଷିତ ଭାବେ ପହଞ୍ଚାଇଛନ୍ତି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ନଡିଆ ଫାର୍ମ ନିକଟରେ ଶନିବାର ରାତିରେ ଖୋଲାରେ ଶୀତ କାକରରେ ଏକ ପରିବାର ଆଶ୍ରୟ ନେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଅଶୋକ ବେହେରା ଏହା ଦେଖି ଆଇଆଇସିଙ୍କୁ ଜଣାଇଥିଲେ। ଆଇଆଇସି ସେଠାରେ ପହଞ୍ଚି ସେମାନଙ୍କ ସହ କଥାବାର୍ତ୍ତା ହୋଇ ଆଧାର କାର୍ଡରୁ ପରିଚୟ ପାଇଥିଲେ। ପରିଚୟ ପତ୍ର ଅନୁଯାୟୀ, ସ୍ୱାମୀ ଗୋବରା ପିଙ୍ଗୁଆ, ସ୍ତ୍ରୀ ଶାନ୍ତି ପିଙ୍ଗୁଆ, ୨ଟି ଶିଶୁପୁତ୍ର ଥିଲେ। ଆଧାର କାର୍ଡରେ ଥିବା ଠିକଣା ଅନୁଯାୟୀ, ତାଙ୍କ ଘର ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ଗୋବରା ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ତାଙ୍କ ସ୍ତ୍ରୀ ପରିବାର ସହ କାମ ସନ୍ଧାନରେ ପରିବାରକୁ ନେଇ ପୁରୀ ଆସିଥିଲେ। ହେଲେ କୌଣସି କାମ ନ ପାଇ ଚାଲି ଚାଲି ନିଜ ଗ୍ରାମକୁ ଫେରୁଥିବାବେଳେ ସାକ୍ଷୀଗୋପାଳର ରାସ୍ତାପାର୍ଶ୍ୱରେ ଅଟକିଯାଇଥିବା କହିଥିଲେ। ଏହାଶୁଣି ଆଇଆଇସି ପାତ୍ର ସାକ୍ଷୀଗୋପାଳ ରେଳ ଷ୍ଟେଶନରୁ ୨ଟି ଟିକେଟ୍ କରି ରେଲୱେ ଫାଣ୍ଡି ସହଯୋଗରେ ସେମାନଙ୍କୁ ତାଙ୍କ ଗାଁକୁ ପଠାଇଛନ୍ତି। ସେମାନଙ୍କ ପରିବାରକୁ ଗଣମାଧ୍ୟମ ପ୍ରତିନିଧି ଅଶୋକ ବେହେରା, ଅମର ଶତପଥୀ, ଆଲୋକ ଖୁଣ୍ଟିଆ, ଶିକ୍ଷକ ସତ୍ୟବାଦୀ ଦାସ, ନୃସିଂହ ଚରଣ ସାହୁ ଆର୍ଥିକ ସହାୟତା କରିବା ସହ ଖାଦ୍ୟ ସାମଗ୍ରୀ ଓ ଶୀତ ବସ୍ତ୍ର ପ୍ରଦାନ କରିଥିଲେ। ଆଇଆଇସିଙ୍କ ଏପରି ପଦକ୍ଷେପ ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୌମ୍ୟରଞ୍ଜନ



@ ଦେବ



@ ସୌମ୍ୟ



@ ସୋନାଲି



@ ଜିତୁ



@ ମନୋରଞ୍ଜନ

# ସଫେଇ ନାଳରୁ ନରକଙ୍କାଳ ଜବତ

ପିପିଲି,୧୮।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ଥାନା ନୂଆଶାସନ ପଞ୍ଚାୟତ ଅନ୍ତର୍ଗତ କଢ଼ିମଲ୍ଲ ଗ୍ରାମ ସଫେଇ ନାଳ ପାର୍ଶ୍ୱ ବନ୍ଧରେ ପଡ଼ିଥିବା ଏକ ନରକଙ୍କାଳକୁ ଶନିବାର ପୋଲିସ ଜବତ କରିଛି। ଏହି କଙ୍କାଳଟି ପୁରୁଷ ଲୋକର ନା ମହିଳାଙ୍କ ତାହା ଜଣାପଡୁ ନ ଥିବା ବେଳେ ଏହା ପ୍ରାୟ ଏକ ବର୍ଷର ପୁରୁଣା କଙ୍କାଳ ବୋଲି ଅନୁମାନ କରାଯାଉଛି। ଏ ନେଇ ପୋଲିସ ନଂ.୨୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନୂଆଶାସନ କଢିମଲ୍ଲ ଗ୍ରାମର କେତେଜଣ ଲୋକ ଶନିବାର ଅପରାହ୍ନରେ ଉକ୍ତ ସଫେଇ ନାଳକୁ ମାଛ ଧରିବାକୁ ଯାଇଥିଲେ। ହେଲେ ନାଳପାର୍ଶ୍ୱରେ ନରକଙ୍କାଳ ପଡ଼ିଥିବା ଦେଖି ଭୟଭୀତ ହୋଇ ଗାଁ ଲୋକଙ୍କୁ ଖବର ଦେଇଥିଲେ। ନରକଙ୍କାଳ ଦେଖିବାକୁ ସ୍ଥାନୀୟ ଲୋକଙ୍କର ସେଠାରେ ଭିଡ଼ ଜମିଥିବା ବେଳେ କଙ୍କାଳମୁଣ୍ଡଟି ସଫେଇ ନାଳ ଭିତରେ ପଡ଼ିଥିଲା। ଖବରପାଇ ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ



ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନରକଙ୍କାଳକୁ ଜବତ କରିଛି। ପରେ ଏହାକୁ କଟକ ଫରେନ୍‌ସିକ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।





ସିବିଏସ୍‌ଇ ପ୍ରଶ୍ନପତ୍ରରେ ନାରୀ ବିଦ୍ୱେଷୀ ମନ୍ତବ୍ୟ ବିରୋଧରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।





ପୂର୍ଣ୍ଣ ଅନୁଦାନ ସମେତ ବିଭିନ୍ନ ଦାବି ନେଇ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (+୨ ଓ +୩) କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଉମେଶ ଖଣ୍ଡେଲୱାଲ୍ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ପକ୍ଷରୁ ଭୁବନେଶ୍ୱର ତେରାପନ୍ଥ ଭବନରେ ଅନୁଷ୍ଠିତ ଫିଜିଓଥେରାପି ଚିକିତ୍ସା ଶିବିର।

## ସଂକ୍ଷେପରେ

**କଟକ**

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା, ସାରଳା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ହାଇକୋର୍ଟ ପରିସର, ପୂର୍ବାହ୍ନ ୧୧ଟା ୩୦।
- ଦି ୟୁନିଭର୍ସ ପକ୍ଷରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଆମର ସ୍ଥିତି ଓ କପ୍ ୨୬ ସମ୍ମିଳନୀ, ମୈତ୍ରୀ ସରଣୀ, ବକ୍ସିବଜାର, ପୂର୍ବାହ୍ନ ୧୧ଟା।
- ଖବରକାଗଜ ପୃଷ୍ଠଭୂମିର ୨୭ତମ ପ୍ରତିଷ୍ଠା ଉତ୍ସବ, ଚିନ୍ମୟ ମିଶନ, ଫିରିଙ୍ଗି ବଜାର, ଅପରାହ୍ନ ୪ଟା ୩୦ ।

**ତିଗିରିଆ**

- ଆର.ପି. ଆବାସିକ କଲେଜର ପଞ୍ଚମ ବାର୍ଷିକ ଉତ୍ସବ, କଲେଜ ପରିସର, ବିଧାରପୁର, ସକାଳ ୯ଟା।

# ଚାଷୀ ଆୟ ବୃଦ୍ଧି ଉପରେ ଗୁରୁତ୍ୱ

### କୃଷକ ଉତ୍ପାଦକ ସଙ୍ଗଠନ ସମାବେଶ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଓଡ଼ିଶା କୃଷକ ଉତ୍ପାଦକ ସଙ୍ଗଠନ ସମାବେଶ ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକ ଉତ୍ପାଦକ ସଂଗଠନର ସଫଳତା ଓ କୃଷକଙ୍କ ଆୟ ବହୁଗୁଣିତ ହେବା ପାଇଁ ବ୍ୟାଙ୍କ ମାଧ୍ୟମରେ ପୁଞ୍ଜିନିବେଶ ସହାୟତା, ବଜାର ସୁବିଧା, ମଧ୍ୟସ୍ଥ ଉଚ୍ଛେଦ, ସରକାରୀ ପ୍ରୋତ୍ସାହନ ଓ ସହାୟତା, ଯୋଗାଯୋଗ, ଫସଲ ବିବିଧୀକରଣ ପଦ୍ଧତି ଅବଲମ୍ବନ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଉପରସ୍ତରର ଲୋକମାନେ ଖାଦ୍ୟଦ୍ରବ୍ୟର ବ୍ୟବହାର କଲାବେଳେ ଏଥିରେ ସଂପୃକ୍ତ ଚାଷୀର କଷ୍ଟକୁ ଅନୁଭବ କଲେ ସେମାନେ ଚାଷୀକୁ ଉଚିତ ସମ୍ମାନ ଦେଇପାରିବେ ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ http://fpoodisha.nic.in ୱେବ୍‌ପୋର୍ଟାଲକୁ ଉନ୍ମୋଚିତ କରିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କୃଷି ବିଭାଗ ଓ ଉଦ୍ୟାନକୃଷି ନିର୍ଦ୍ଦେଶାଳୟକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପୋର୍ଟାଲ ରାଜ୍ୟର ସମସ୍ତ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଏକ ବୈଦ୍ୟୁତିକ ମଞ୍ଚ, ଯାହାକି ଏକକ ବାତାୟନ ସେବା ପ୍ରଦାନ କରିବ ବୋଲି କହିଛନ୍ତି।

ସମାବେଶର ୩ଟି ବ୍ୟବସାୟିକ ଅଧିବେଶନରେ ଉପୁଜିଥିବା ସମସ୍ୟାର ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଶାସନ ସଚିବ ଆର୍. ରଘୁପ୍ରସାଦ, ନାବାର୍ଡର ମୁଖ୍ୟ ସାଧାରଣ ପରିଚାଳକ ସି. ଉଦୟ ଭାସ୍କର ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ସ୍ୱାଗତ ଭାଷଣ ଏବଂ କୃଷି ଓ ଖାଦ୍ୟ ଉତ୍ପାଦର ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୭ ଜିଲାର ୧୦ଟି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ମୂଲ୍ୟଯୁକ୍ତ ଉତ୍ପାଦର ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।



ହୃଦୟ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ଗ୍ରୀକ୍ ନାଟକ 'ସଫୋକ୍ଲିସ୍‌ଙ୍କ ରାଜା ଇଡିପସ୍'ର ଏକ ଦୃଶ୍ୟ।

## କଟକ ଉନ୍ନୟନ ଉଦ୍ୟାନ ଶ୍ରମିକ ସଂଘ ଗଠିତ

**କଟକ ଅଫିସ, ୧୮।୧୨:** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଧୀନ ବିଭିନ୍ନ ଉଦ୍ୟାନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସାଧାରଣ ବୈଠକ ବିଜୁ ପଟ୍ଟନାୟକ ଉଦ୍ୟାନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁଲତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶ୍ରମିକମାନଙ୍କ ଇପିଏଫ୍ ନିୟମିତ କରିବା ପାଇଁ ଜିଲାପାଳ ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ କଟକ ଉନ୍ନୟନ ଉଦ୍ୟାନ ଶ୍ରମିକ ସଂଘ ଗଠନ କରାଯାଇ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଂଘ ସଭାପତି ଭାବେ ବିନୋଦ ବେହେରା, କାର୍ଯ୍ୟକାରୀ ସଭାପତି ଅମରେନ୍ଦୁ ମହାନ୍ତି, ଉପସଭାପତି ମଞ୍ଜୁଲତା ରାଉତ, ଫକିର ପ୍ରଧାନ, ସମ୍ପାଦକ ଦିଲୀପ କୁମାର ଜେନା, ସହ ସମ୍ପାଦକ ବଳରାମ ପ୍ରଧାନ, ଶକୁନ୍ତଳା ସାହୁ, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ପଣ୍ଡାଙ୍କ ସମେତ ୧୩ ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିଲେ।

## ପାଲାମଣ୍ଡଳ ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୧୮।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଶ୍ୱେଶ୍ୱର ପାଲା ମଣ୍ଡଳର ପ୍ରଥମ ବାର୍ଷିକ ସମ୍ମେଳନ ଓ ପାଲା ଉତ୍ସବ ଆସନ୍ତା ୨୪ରୁ ଆରମ୍ଭ ହେବ। ଏହା ୩ ଦିନ ଧରି ଚାଲିବ। ଏଥିରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ପାଲା ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ତେବେ ଉତ୍ସବକୁ ଠିକ୍ ଭାବେ ସମାପନ କରିବା ପାଇଁ ମଙ୍ଗୁଳିସ୍ଥିତ କପିଳେଶ୍ୱର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଗାୟକ ଅନାଦି ଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ସିଦ୍ଧେଶ୍ୱର ନାୟକ, ସନ୍ତୋଷ କୁମାର ପ୍ରଧାନ, କିଶୋର ଚନ୍ଦ୍ର ନାୟକ, ବାସୁଦେବ ମିଶ୍ର, ଉମେଶ ଚନ୍ଦ୍ର ସ୍ୱାଇଁ, ଶିବରାମ ବାରିକ, ନିରଞ୍ଜନ ପଣ୍ଡା, ଦେବାଶିଷ ସ୍ୱାଇଁ, ନରେନ୍ଦ୍ର ରାଉତରାୟ, ଅକ୍ଷୟ ରାଉତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ।

## ଜାତୀୟ ଖାଉଟି ଦିବସ ପାଳନ ପ୍ରସ୍ତୁତି ବୈଠକ

ଆଠଗଡ଼,୧୮।୧୨(ଡି.ଏନ.ଏ.)

ଆଠଗଡ଼ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜାତୀୟ ଖାଉଟି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ୨୪ ତାରିଖରେ ହେବାକୁ ଥିବା ଜାତୀୟ ଖାଉଟି ଦିବସ ପାଳନ ଅବସରରେ ୧୦ଟି ସ୍କୁଲର ୧୫୦ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଖାଉଟି ସଚେତନତା ଶୋଭାଯାତ୍ରା ବିଶ୍ୱନାଥ ବିଦ୍ୟାପୀଠରୁ ବାହାରି ସହର ପରିକ୍ରମା କରିବ। ଶୋଭାଯାତ୍ରା ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ଖାଉଟି ସଚେତନତା ସମ୍ପର୍କରେ ଏକ ସଭା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ଏ ସମ୍ପର୍କରେ ଆଠଗଡ଼ ଉପଜିଲାପାଳ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଉପଭୋକ୍ତା ସଚେତନତା ମଞ୍ଚର ସଭାପତି ପ୍ରାଣକୃଷ୍ଣ ଦାଶ, ସହକାରୀ ଯୋଗାଣ ଅଧିକାରୀ ପ୍ରତ୍ୟୁଷିନୀ ଷଡଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## 'ମହାନଦୀ ପ୍ରଦୂଷଣ ମୁକ୍ତ ପାଇଁ ସଙ୍କଳ୍ପ ନେବା'

### ମହାନଦୀ ଉତ୍ସବର ତୃତୀୟ ସନ୍ଧ୍ୟା

କଟକ ଅଫିସ,୧୮।୧୨

କଟକ ବାଲିଯାତ୍ରା ଉପର ପଡିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୋପବନ୍ଧୁ ଶତପଥୀ ଯୋଗଦେଇ କହିଥିଲେ, ମହାନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସମସ୍ତେ ସଙ୍କଳ୍ପ ନେବା। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅନ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସାହିତ୍ୟିକ ଡ. ବାବାଜୀ ଚରଣ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାମ୍ବାଦିକ ଅରୁଣ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଗଡଗଡ଼ିଆ ଘାଟଠାରେ ରୀତିନୀତି ଅନୁଯାୟୀ ମହାନଦୀ ଆଳତି କରାଯାଇଥିଲା। ଏଥିସହ ସନ୍ଧ୍ୟାରେ କଳାକାରମାନେ କଥକ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## 'ରେଭେନ୍‌ଶା ଜମିରେ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ହେଉ'

କଟକ ଅଫିସ,୧୮।୧୨

ଐତିହାସିକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୪ ଏକର ଜମିରେ ପରିବା ବଜାର କରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ରେଭେନ୍‌ଶା ବିକାଶ ଅଭିଯାନର ସଭାପତି ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି। ଶନିବାର ବକ୍ସିବଜାରଠାରେ ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାନ୍ତି ଏହି ମତବ୍ୟକ୍ତ କରିଛନ୍ତି। ସମ୍ମିଳନୀରେ ସଙ୍ଗଠନ ସଦସ୍ୟ ପ୍ରଶାନ୍ତ ଦାସ କହିଛନ୍ତି, ବିଶ୍ୱବିଦ୍ୟାଳୟର ଅନେକ କର୍ମଚାରୀଙ୍କ ରହିବା ପାଇଁ କ୍ୱାର୍ଟର୍ସ ନାହିଁ। ଏଥିଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ଏଥିପାଇଁ ସରକାରଙ୍କ ଧ୍ୟାନ ନାହିଁ। ସରକାର ଉକ୍ତ ଜମିରେ ପରିବା ବଜାର କରିବା ପାଇଁ ଯୋଜନା କରିଛନ୍ତି। ଏଥିରୁ ନିବୃତ୍ତ ରହି ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କ ରହିବା ପାଇଁ କ୍ୱାର୍ଟର୍ସ ନିର୍ମାଣ କରନ୍ତୁ। ନ ହେଲେ ଆଗାମୀ ଦିନରେ ଜୋର୍‌ଦାର ପ୍ରତିବାଦ କରାଯିବ ବୋଲି ପ୍ରଶାନ୍ତ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ସି.ଭି ବିଶ୍ୱାବସୁ ଦାସ, ଡଲି ଦାସ, ଖଗେଶ୍ୱର ସେଠୀ, ସନ୍ଧ୍ୟା କାମେଶ୍ୱରୀ, ସମ୍ପାଦକ ସିଦ୍ଧାର୍ଥ ରଥ ଓ ବବି ବଳବନ୍ତ ରାୟ ପ୍ରମୁଖ ଉପସ୍ଥିତଥିଲେ।

## ମହୁଚାଷ ପ୍ରଶିକ୍ଷଣ ଶିବିର

ବାଙ୍କୀ,୧୮।୧୨(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ୩ ଦିନ ବ୍ୟାପି ମହୁଚାଷ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। କଲେଜର ଦୃଶ୍ୟଶ୍ରାବ୍ୟ ଗୃହରେ ଆୟୋଜିତ ଏହି ଶିବିରରେ ଅଧ୍ୟକ୍ଷ ଡ.ଅରୁଣ କୁମାର ବେହେରା ସଭାପତିତ୍ୱ କରିଥିଲେ। ଶିବିରକୁ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଭାବେ ମହୁଚାଷ ବିଶେଷଜ୍ଞ ବାଳକୃଷ୍ଣ କର ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ମହୁଚାଷର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଣୀବିଜ୍ଞାନ ବିଭାଗର ଡ.ଶଶିଭୂଷଣ ମହାପାତ୍ର, ଅନ୍ୟତମ ଅତିଥିଭାବେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ପାଲ, ଅଧ୍ୟାପକ ଶୈଳେନ୍ଦ୍ରନାରାୟଣ ଦେଓ, ମହୁଚାଷୀ କିଶୋର ନୀଳମାଧବ ମିଶ୍ର ଓ ଅପର୍ତ୍ତି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଭୂପତି ଭୂଷଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଖବରଦାତା ବନବିହାରୀ ମହାନ୍ତିଙ୍କ ପରଲୋକ



**କଟକ ଅଫିସ,୧୮।୧୨:** ଖବରଦାତା ବନବିହାରୀ ମହାନ୍ତି(୭୦)ଙ୍କ ଶନିବାର ପରଲୋକ ହୋଇଛି। ସେ ସ୍ନାୟୁରୋଗରେ ପୀଡିତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ୪ ଦଶନ୍ଧି ଧରି ଏକ ଖବରକାଗଜରେ କାର୍ଯ୍ୟରତ ଥିଲେ। କଟକ ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ସ୍ଥିତପ୍ରଜ୍ଞ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ନୂତନ ନିଯୁକ୍ତି ନାହିଁ, ଡାକ୍ତରଙ୍କ ଅବସର ବୟସ ବୃଦ୍ଧି କ'ଣ ପାଇଁ

### ୩ ଦିନରେ ହୋମିଓପାଥି ଛାତ୍ରୀଛାତ୍ରଙ୍କ ଧାରଣା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ପାଠପଢ଼ାଇବାକୁ ଶିକ୍ଷକ ନାହାନ୍ତି, ଶିକ୍ଷା ଶେଷ ପରେ ନିଯୁକ୍ତି ନାହିଁ। ହୋମିଓପାଥି ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଏଭଳି ସମସ୍ୟା ଏବେ ଜଟିଳ ହେବାରେ ଲାଗିଛି। ଫଳରେ ଭୁବନେଶ୍ୱରସ୍ଥିତ ଡାଃ ଅଭିନଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏପଟେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କ ଅବସର ବୟସ ବୃଦ୍ଧି ପାଇଁ ଉଦ୍ୟମ ଚାଲିଥିବାରୁ ଏହା ଅଣନିଯୁକ୍ତିପ୍ରାପ୍ତ ଯୁବ ଡାକ୍ତରଙ୍କ ଚିନ୍ତା ବଢ଼ାଇଛି। ଯୁବ ଡାକ୍ତରଙ୍କୁ ନିଯୁକ୍ତି ନ ଦେଇ ଅବସର ବୟସ କାହିଁକି ବୃଦ୍ଧି ହେବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟା ନେଇ ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଏହାର କୌଣସି ସମାଧାନ ହୋଇ ପାରିନାହିଁ। ୩ଦିନ ଧରି ଧାରଣାରେ ବସି ରହିଥିବାରୁ ମହାବିଦ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସେମାନଙ୍କ ଅଭିଯୋଗ ହେଲା, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୫୦ରୁ ଅଧିକ ଥିବାବେଳେ ୧୫ଜଣ ପାଠପଢ଼ାଉଛନ୍ତି। କିନ୍ତୁ ମୂଳପଦବୀ ସଂଖ୍ୟା ୩୭ରୁ ନିୟମିତ ଶିକ୍ଷକ ମାତ୍ର ୩ଜଣ ରହିଛନ୍ତି। ଫଳରେ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। ଅଧ୍ୟାପକ ନିଯୁକ୍ତି, ଷ୍ଟାଇପେଣ୍ଡ ବୃଦ୍ଧି ନେଇ ମଧ ଛାତ୍ରୀଛାତ୍ର ଦାବି ଜଣାଇଛନ୍ତି। ଅନ୍ୟପକ୍ଷେ ଆୟୁଷ ବିଭାଗ ଶିକ୍ଷକ ଓ ମେଡିକାଲ ପକ୍ଷରୁ ଅବସର ବୟସ ୬୦ରୁ ୬୫ବୃଦ୍ଧି ହେବା ପାଇଁ ଦାବି କରାଯାଉଥିବାରୁ ଏହାକୁ ଛାତ୍ର ସଂସଦ ବିରୋଧ କରିଛି। ଅବସର ବୟସ ସୀମା ବଢ଼ିଲେ ଏହା ଯୁବ ଡାକ୍ତରୀ ଛାତୀଛାତ୍ରଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଇବ ବୋଲି ଛାତ୍ର ସଂସଦ ସଭାପତି ଡା. ଅଭିନାଶ ଦାଶ କହିଛନ୍ତି।




@ ସୌମ୍ୟରଞ୍ଜନ



@ ଦେବ



@ ସୌମ୍ୟ



@ ସୋନାଲି



@ ଜିତୁ



@ ମନୋରଞ୍ଜନ

## 'ଦ୍ୱୀପାଞ୍ଚଳକୁ ସହରାଞ୍ଚଳ କରାଯିବ'

- ୫କୋଟିର ଶିଳାନ୍ୟାସ,
- ୬ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବଣ୍ଟନ

ନିଶ୍ଚିନ୍ତକୋଇଲି,୧୮।୧୨ (ସ୍ୱ.ପ୍ର.)

ଦିନ ଥିଲା ଦ୍ୱିପାଞ୍ଚଳବାସୀଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ପାଲଟିଥିଲା। ରାଜ୍ୟ ସରକାରଙ୍କର ଉଦ୍ୟମରେ ନିଶ୍ଚିନ୍ତକୋଇଲି ବ୍ଲକ ଲୁଣା-ଚିତ୍ରୋତ୍ପଳା ଓ ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ସର୍ବାଙ୍ଗୀନ ବିକାଶ ହୋଇଛି। ଆଗାମୀ ଦିନରେ ଦ୍ୱୀପାଞ୍ଚଳବାସୀ ସହରାଞ୍ଚଳ ଭଳି ସମସ୍ତ ସୁବିଧା ସୁଯୋଗ ପାଇ ପାରିବେ ବୋଲି କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା କହିଛନ୍ତି। ଶନିବାର ବ୍ଲକର ମଣିଜଙ୍ଗ, ବାବୁଜଙ୍ଗ, ତିଳକଣ, ନେମାଳ, ପାଳଦା ଓ ମହମ୍ମଦପୁର ପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଥିଲା। ବାବୁଜଙ୍ଗ ପଞ୍ଚାୟତରେ ୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ବିଧାୟକ ବେହେରା କରିଥିଲେ। ଶିଳାନ୍ୟାସ ବେଳେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ପ୍ରକଳ୍ପ ସମ୍ପର୍କରେ କେହି ସୂଚନା ଦେଇ ନ ଥିଲେ। ଏହି ଅବସରରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର, ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ମହମ୍ମଦପୁର ସରପଞ୍ଚ ସରୋଜ କୁମାର ବେହେରା, ବାବୁଜଙ୍ଗ ପଞ୍ଚାୟତରେ ସ୍ୱାଧୀନ ଭୂୟାଁ, ପାଳଦା ପଞ୍ଚାୟତରେ ମୀନକେତନ ସ୍ୱାଇଁ, ତିଳକଣା ପଞ୍ଚାୟତରେ ବିଶ୍ୱନାଥ ପଣ୍ଡା, ନେମାଳ ପଞ୍ଚାୟତରେ ଅଚ୍ୟୁତାନନ୍ଦ ଦାସ, ମଣିଜଙ୍ଗ ପଞ୍ଚାୟତରେ ପ୍ରମୋଦ ନାୟକ, ଯଦୁନାଥ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




ସିବିଏସ୍‌ଇ ପ୍ରଶ୍ନପତ୍ରରେ ନାରୀ ବିଦ୍ୱେଷୀ ମନ୍ତବ୍ୟ ବିରୋଧରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।




ପୂର୍ଣ୍ଣ ଅନୁଦାନ ସମେତ ବିଭିନ୍ନ ଦାବି ନେଇ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (+୨ ଓ +୩) କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଉମେଶ ଖଣ୍ଡେଲୱାଲ୍ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ପକ୍ଷରୁ ଭୁବନେଶ୍ୱର ତେରାପନ୍ଥ ଭବନରେ ଅନୁଷ୍ଠିତ ଫିଜିଓଥେରାପି ଚିକିତ୍ସା ଶିବିର।

